# NATIONAL NEWS BULLETIN (ODIA)
## 28 February - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଭାରତ-ୟୁରୋପୀୟ ଆୟୋଗ ପ୍ରତିନିଧି ସ୍ତରୀୟ ଆଲୋଚନା ଶେଷ – ବିଭିନ୍ନ କ୍ଷେତ୍ରରେ ସହଯୋଗ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା କହିଲେ, ପ୍ରଧାନମନ୍ତ୍ରୀ ।
- ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିଲା ଭାରତ, ୨୦୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ଜି.ଡି.ପି. ୬ ଦଶମିକ ୨ ପ୍ରତିଶତ ବୃଦ୍ଧି ।
- ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ  ଦେଶ ମଧ୍ୟକୁ ପ୍ରବେଶ ଲାଗି ସହାୟତା କରୁଥିବା ନେଟ୍‌ୱାର୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ ।
- ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସୁଧହାର ପୂର୍ବ ଭଳି ୮ ଦଶମିକ୍ ୨/୫ ପ୍ରତିଶତ ରଖିବାକୁ ସୁପାରିଶ ।

ଏବଂ

- ଆଇସିସି ଚାମ୍ପିୟାନ୍ସ ଟ୍ରଫି କ୍ରିକେଟ୍‌ରେ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଛି ମୁକାବିଲା ।

## ପ୍ରେଜ୍ ଇୟୁ-ଇଣ୍ଡିଆ

ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଉର୍ସୁଲା ଲେୟନଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା କରିଛନ୍ତି । ଆଲୋଚନା କାଳରେ ଉଭୟ ପକ୍ଷ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି, ଯୋଗାଯୋଗ ଓ ଜନସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଭାରତ ଏବଂ ୟୁରୋପୀୟ ସଂଘ ୨୦୨୫ ଏବଂ ପରବର୍ତ୍ତୀ ସମୟ ଲାଗି ଏକ ମହତ୍ୱାକାଂକ୍ଷି ଯୋଜନା ସ୍ଥିର କରିଛନ୍ତି । ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦୁଇ ଦଶନ୍ଧି ଧରି ରାଣନୈତିକ ଭାଗିଦାରୀ ସ୍ୱାଭାବିକ ରହିଛି । ଏଥିରେ ଗଣତାନ୍ତ୍ରିକ ମୂଲ୍ୟବୋଧରେ ଥିବା ବିଶ୍ୱାସ ଉଭୟ ପକ୍ଷର ପ୍ରଗତି ଏବଂ ସମୃଦ୍ଧି ପାଇଁ ଦୃଢ଼ ସାବ୍ୟସ୍ତ ହୋଇଛି । ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଭାଗିଦାରୀକୁ ବୃଦ୍ଧି କରିବା ପାଇଁ ଅନେକ ଗୁଡ଼ିଏ ନିଷ୍ପତ୍ତି ନିଆଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ବାଣିଜ୍ୟ, ବୈଷୟିକଜ୍ଞାନକୌଶଳ, ପୁଞ୍ଜିନିବେଶ, ସବୁଜ ଅଭିବୃଦ୍ଧି,

ଦକ୍ଷତା, ନିରାପତ୍ତା ଓ ନବସୃଜନ କ୍ଷେତ୍ରରେ ସହଯୋଗ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ।

**V/O-1**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ର ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯିବ । ଏହି କରିଡ଼ର ବିଶ୍ୱ ବାଣିଜ୍ୟ, ସ୍ଥାୟୀ ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ଏକ ଇଞ୍ଜିନ୍ ସାବ୍ୟସ୍ତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O-2**

ଆତଙ୍କବାଦ ଏବଂ ସାଇବର ନିରାପତ୍ତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସାଇବର ସୁରକ୍ଷା, ସାମୁଦ୍ରିକ ନିରାପତ୍ତା ଏବଂ ଆତଙ୍କବାଦର ମୁକାବିଲା କ୍ଷେତ୍ରରେ ୟୁରୋପୀୟ ସଂଘ ସହ ସହଯୋଗକୁ ଆହୁରି ସୁଦୃଢ଼ କରାଯିବ । ଉଭୟ ପକ୍ଷ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ନିରାପତ୍ତା, ସ୍ଥିରତା ଏବଂ ସମୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗର ଅଭିଯାନରେ ସାମିଲ ହେବା ପାଇଁ ୟୁରୋପୀୟ ସଂଘର ନିଷ୍ପତ୍ତିକୁ ଭାରତ ସ୍ୱାଗତ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ୟୁରୋପୀୟ ସଂଘର ସଭାପତି ଉର୍ସୁଲା ଲେୟନ୍ ତାଙ୍କ ବକ୍ତବ୍ୟରେ କହିଛନ୍ତି, ଭାରତ ହେଉଛି ୟୁରୋପ ଭଳି ସମଭାବାପନ୍ନ ଚିନ୍ତାଧାରା ବହନ କରୁଥିବା ବନ୍ଧୁ ଭଳି ଏବଂ ଉଭୟ ବିଶ୍ୱର ଦୁଇଟି ବୃହତ୍ତମ ଗଣତାନ୍ତ୍ରିକ

ରାଷ୍ଟ୍ର । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଉଭୟ ପକ୍ଷ ମଧ୍ୟରେ ସମ୍ପର୍କ ସୁଦୃଢ଼ ହେଉଥିବା ସେ କହିଛନ୍ତି । ପୂର୍ବରୁ ୟୁରୋପ ଭାରତର ବୃହତ୍ତମ ବାଣିଜ୍ୟ ସହଯୋଗୀ ଥିବା ବେଳେ ଆଗାମୀ ଦିନରେ ମିଳିତ ଭାବରେ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

ଦୁଇ ଦିନିଆ ଭାରତ ଗସ୍ତରେ ଆସିଥିବା ୟୁରୋପୀୟ ଆୟୋଗ ନୂଆଦିଲ୍ଲୀର ହାଇଦ୍ରାବାଦ୍ ହାଉସ୍‌କୁ ହାଇଡ୍ରୋଜେନ୍ ଚାଳିତ ଏକ ବସ୍‌ରେ ଯାତ୍ରା କରିଥିଲେ । ଗତ ଏକଦଶନ୍ଧି ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ୯୦ ପ୍ରତିଶତ ବୃଦ୍ଧି ଘଟିଥିବା କୁହାଯାଇଛି ।

## କୋଲ-ମୁଭ୍‌ମେଣ୍ଟ ଡବଲ୍

ଗତ ଦୁଇ ବର୍ଷ ମଧ୍ୟରେ ଦେଶରେ କୋଇଲା ପରିବହନ ଦ୍ୱିଗୁଣିତ ହୋଇଛି । କୋଇଲା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ରେଳ-ସମୁଦ୍ର-ରେଳ ମାଧ୍ୟମରେ କୋଇଲା ପରିବହନ ୨୦୨୨ ମସିହାରେ ୨୮ ନିୟୁତ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୪ରେ ଏହି ପରିମାଣ ୫୪ ନିୟୁତ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ଏଥିରେ କୁହାଯାଇଛି, ରେଳ-ସମୁଦ୍ର-ରେଳ ପଦ୍ଧତିରେ କୋଇଲା ନିଷ୍କାସନର ଏକ ଅତିରିକ୍ତ ବିକଳ୍ପ ମାଧ୍ୟମ ପାଲଟିବା ଯୋଗୁଁ ରେଳ ମାର୍ଗରେ ଭିଡ଼ ହ୍ରାସ ପାଇଛି ଏବଂ କୋଇଲା ପରିବହନ ବୃଦ୍ଧି ପାଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶରେ

ଥିବା ପାୱାରପ୍ଲାଣ୍ଟ ଗୁଡ଼ିକ ପାଇଁ ରେଳ-ସମୁଦ୍ର-ରେଳ ମାର୍ଗ ମାଧ୍ୟମରେ ଖଣିରୁ ଘରୋଇ କୋଇଲା ପରିବହନ କରାଯାଉଛି । କୋଇଲା ମନ୍ତ୍ରଣାଳୟ ଇତିମଧ୍ୟରେ ରେଳ-ସମୁଦ୍ର-ରେଳ ପଦ୍ଧତିକୁ ପ୍ରୋତ୍ସାହିତ କରିବା ଲାଗି ପଦକ୍ଷେପ ନେଉଥିବା ଜଣାପଡ଼ିଛି । ଏହି ବ୍ୟବସ୍ଥା ଦ୍ୱାରା ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଭାବେ କୋଇଲା ମିଳିପାରୁଛି ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରଦାନ କରିଛି ।

## ଇଣ୍ଡିଆ-ଜିଡିପି

୨୦୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ଦେଶର ଜି.ଡି.ପି. ୬ ଦଶମିକ୍ ୨ ପ୍ରତିଶତ ବୃଦ୍ଧି ପାଇଥିବାରୁ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିଛି । ପୂର୍ବ ତିନିମାସରେ ଏହି ହାର ୫ ଦଶମିକ୍ ୬ ପ୍ରତିଶତ ରହିଥିଲା ।

ଗତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ଜି.ଡି.ପି. ଅଭିବୃଦ୍ଧି ୮ ଦଶମିକ୍ ୬ ପ୍ରତିଶତ ରେକର୍ଡ କରାଯାଇଥିଲା । ସରକାରୀ ଖର୍ଚ୍ଚ ବୃଦ୍ଧି ଏବଂ ଉତ୍ତମ ପାଣିପାଗ ପରେ ଗ୍ରାମୀଣ ବ୍ୟବହାର ବୃଦ୍ଧି ପାଇଥିଲା । ଫଳରେ ତୃତୀୟ ତ୍ରୟମାସର ଜି.ଡି.ପି. ବୃଦ୍ଧି ପାଇଥିଲା । କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ପ୍ରଥମ ସଂଶୋଧିତ ଆକଳନ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ବାସ୍ତବ ଜି.ଡି.ପି. ୬ ଦଶମିକ୍ ୫ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ଏବଂ ଏହା ୯ ଦଶମିକ୍ ୯ ପ୍ରତିଶତ ପର୍ଯ୍ୟନ୍ତ ଅଭିବୃଦ୍ଧି

ହେବାର ସମ୍ଭାବନା ରହିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ବାସ୍ତବ ଜି.ଡି.ପି. ୯ ଦଶମିକ୍ ୨ ପ୍ରତିଶତ ବୃଦ୍ଧି ପାଇଛି, ଯାହା ମହାମାରୀ ସମୟକୁ ବାଦ୍ ଦେଇ ୧୨ ବର୍ଷ ମଧ୍ୟରେ ସର୍ବୋଚ୍ଚ ବାର୍ଷିକ ଅଭିବୃଦ୍ଧି ବୋଲି ଜଣାପଡ଼ିଛି । ଏହି ସାମଗ୍ରୀକ ଅଭିବୃଦ୍ଧି ମଧ୍ୟରେ ବିନିର୍ମାଣ କ୍ଷେତ୍ରରେ ୧୨ ଦଶମିକ୍ ୩, ନିର୍ମାଣ କ୍ଷେତ୍ରରେ ୧୦ ଦଶମିକ୍ ୪, ଆର୍ଥିକ ଏବଂ ରିଏଲିଷ୍ଟେଟ୍ କ୍ଷେତ୍ରରେ ୧୦ ଦଶମିକ୍ ୩ ପ୍ରତିଶତ ଅଭିବୃଦ୍ଧି ରହିଛି ।

## ଅମିତ ଶାହା-ମିଟିଂ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶରେ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ପ୍ରବେଶ କରିବା ଲାଗି ସାହାଯ୍ୟ କରୁଥିବା ସମଗ୍ର ନେଟ୍‌ୱାର୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ବେଆଇନ୍ ଅନୁପ୍ରବେଶ, ଜାତୀୟ ନିରାପତ୍ତା ସହ ଜଡ଼ିତ ଏବଂ ଏହାକୁ କଠୋର ଆଭିମୁଖ୍ୟ ସହ ଦମନ କରାଯିବା ଉଚିତ୍ । ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା, ଦିଲ୍ଲୀ ଗୃହ ମନ୍ତ୍ରୀ ଆଶିଶ ସୁଦ ଏବଂ ପୁଲିସ୍ କମିଶନର ଓ ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ଅନ୍ୟ ପକ୍ଷରେ ଦିଲ୍ଲୀରେ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଥିବା ସ୍ଥାନ ଗୁଡ଼ିକୁ ଚିହ୍ନଟ କରି ଏହାର ସମାଧାନ ଖୋଜିବାକୁ ସେ ଦିଲ୍ଲୀ ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଇପିଏଫ୍‌ଓ-ରେଟ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ୨୩୭ତମ ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସମାନ ସୁଧାହାର ୮ ଦଶମିକ୍ ୨/୫ ପ୍ରତିଶତ କରିବାକୁ ସୁପାରିଶ କରିଛି । ୭ କୋଟିରୁ ଅଧିକ ଗ୍ରାହକଙ୍କ ଇ.ପି.ଏଫ୍. ଆକାଉଣ୍ଟ ପରିଚାଳନା କରୁଥିବା ଇ.ପି.ଏଫ୍.ଓ. ୨୦୨୨-୨୩ରେ ୮ ଦଶମିକ୍ ୧/୫ରୁ ୨୦୨୩-୨୪ରେ ୮ ଦଶମିକ୍ ୨/୫ ପ୍ରତିଶତକୁ ବୃଦ୍ଧି କରିଥିଲା । ଏବେ ଇ.ପି.ଏଫ୍.ଓ.ର ସୁପାରିଶକୁ ଅନୁମୋଦନ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରଣାଳୟକୁ ପଠାଯିବ ଓ ଅନୁମୋଦନ ପରେ ଭବିଷ୍ୟନିଧି ପାଣ୍ଠି ଆକାଉଣ୍ଟରେ ସୁଧରାଶି ଜମା ହେବ ବୋଲି ଜଣାପଡ଼ିଛି । ଆୟୋଜିତ ବୈଠକରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ଶୋଭା କରନ୍ଦ ଲାଜେ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଆ ଆକ୍ଟର ଲାଷ୍ଟ ରାଇଟ୍

କିମ୍ବଦନ୍ତୀ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କର ଶେଷ କୃତ୍ୟ ଆଜି ଅପରାହ୍ଣରେ ଭୁବନେଶ୍ୱର ସ୍ଥିତ ସତ୍ୟନଗର ଶ୍ମଶାନରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି । ଗତକାଲି ରାତିରେ ଗୁରୁଗ୍ରାମ୍‌ର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଶତଷଠୀ ବର୍ଷ

ବୟସରେ ତାଙ୍କର ପରଲୋକ ଘଟିଥିଲା । ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର୍ ଭାବେ ପରିଚିତ ଉତ୍ତମ ମହାନ୍ତି ୧୩୫ଟି ଓଡ଼ିଆ ଚଳଚ୍ଚିତ୍ର ସମେତ ୩୦ଟି ବଙ୍ଗଳା ଚଳଚ୍ଚିତ୍ର, ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର 'ନୟା ଜହର' ଓ ଅନେକ ଓଡ଼ିଆ ଧାରାବାହିକରେ ଅଭିନୟ କରି ଅବିସ୍ମରଣୀୟ ଛାପ ଛାଡ଼ି ଯାଇଛନ୍ତି । ସେ ତାଙ୍କ ବହୁମୁଖୀ ପ୍ରତିଭା ତଥା ବିଭିନ୍ନ ପ୍ରକାରର ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକମାନଙ୍କ ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କ ପରିବାରରେ ଅଭିନେତ୍ରୀ ପତ୍ନୀ ଅପରାଜିତା ମହାନ୍ତି ଓ ପୁଅ  ତଥା ଅଭିନେତା ବାବୁ ସାନ ଅଛନ୍ତି ।

ଉତ୍ତମ ମହାନ୍ତିଙ୍କ ପାର୍ଥିବ ଶରୀର ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ରଖାଯାଇଥିଲା । ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ସମେତ ଓଡ଼ିଆ ଚଳଚ୍ଚିତ୍ର ଜଗତର କଳାକାର, ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶଂସକମାନେ ଶେଷ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

## ଦିଲ୍ଲୀ-ସିଏଜି ରିପୋର୍ଟ୍

ଆମ୍ ଆଦମୀ ପାର୍ଟି ସରକାର ସମୟରେ ଦିଲ୍ଲୀରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା ପରିଚାଳନା ଉପରେ ମହାଲେଖା ନିୟନ୍ତ୍ରକଙ୍କ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇଛି । ଏଥିରେ କୋଭିଡ୍ ସମୟରେ ପାଣ୍ଠିର କମ୍ ବ୍ୟବହାର, ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ଏବଂ

ଔଷଧ ଓ କର୍ମଚାରୀଙ୍କ ଅଭାବ ଉପରେ କୁହାଯାଇଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଅବସ୍ଥାପିତ କରିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି, କୋଭିଡ୍ ସମୟରେ କେନ୍ଦ୍ରରୁ ମିଳିଥିବା ୭୮୮ କୋଟି ଟଙ୍କା ମଧ୍ୟରୁ ପୂର୍ବ ସରକାର ୫୪୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଏହି ସମୟରେ ଦିଲ୍ଲୀର ସରକାରୀ ଡାକ୍ତରଖାନା ଗୁଡ଼ିକରେ ବିଭିନ୍ନ ରୋଗ ପାଇଁ ଇଞ୍ଜେକସନ୍ ଅଭାବ ହୋଇଥିଲା ବୋଲି କୁହାଯାଇଛି ।

ରିପୋର୍ଟ୍‌ରେ ନିମ୍ନମାନର ଔଷଧ କ୍ରୟ ଏବଂ କଳାତାଲିକା ଭୁକ୍ତ ସଂସ୍ଥାମାନଙ୍କ ଠାରୁ ଔଷଧ କିଣିଥିବା ଦର୍ଶାଯାଇଛି । ୩୦୦ରୁ ଅଧିକ ପୃଷ୍ଠାର ଏହି ରିପୋର୍ଟରେ ଦିଲ୍ଲୀର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ଗୁଡ଼ିକରେ ବିଭିନ୍ନ ଲ୍ୟାବ୍ ଉପକରଣ ଅଭାବକୁ ଗୁରୁତ୍ୱ ଦିଆଯାଇଛି । ବର୍ତ୍ତମାନର ସରକାର ଡାକ୍ତରଖାନା ଗୁଡ଼ିକରେ ମୌଳିକ ସୁବିଧା ଉପଲବ୍ଧ କରାଇବା ସହ ଖାଲି ଥିବା ପଦବୀ ଗୁଡ଼ିକ ପୂରଣ କରିବା ଲାଗି ରିପୋର୍ଟରେ କୁହାଯାଇଛି ।

## ଚାମ୍ପିୟାନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟାନ୍ସ ଟ୍ରଫି ଗ୍ରୁପ୍-ବି ର ଆଜି ଚାଲିଥିବା ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଛି । ୫୦ ଓଭରରେ ସମସ୍ତ ୱିକେଟ୍ ହରାଇ ଆଫ୍‌ଗାନିସ୍ତାନ ୨୭୩ରନ୍ ସ୍କୋର କରିଛି । ସିଦିକ୍‌ଉଲ୍ଲା ଅଟଳ ସର୍ବାଧିକ ୮୫ରନ୍ କରିଥିବାବେଳେ ଅଜମତୁଲ୍ଲା ଓମରଜାଇ

୬୭ରନ୍ କରିଛନ୍ତି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଅଷ୍ଟ୍ରେଲିଆ ୭ ଓଭରେ ଗୋଟିଏ ୱିକେଟ୍ ହରାଇ ୬୭ ରନ୍ ସଂଗ୍ରହ କରିଛି । ଆସନ୍ତାକାଲି ଗ୍ରୁପ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ ।

ଅନ୍ୟ ପକ୍ଷରେ ମହିଳା ଟି-ଟ୍ୱେଣ୍ଟି ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ବେଙ୍ଗାଲୁରୁ ଠାରେ ମ୍ୟାଚ୍ ଖେଳାଯିବ ।

## ଫୁଟବଲ୍-ଆଇଏସ୍ଏଲ୍

ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ୍ ପ୍ରତିଯୋଗିତାରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ଫୁଟବଲ୍‌କ୍ଲବ୍ ଏବଂ ମହମଦିଆନ୍ ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ମୁକାବିଲା ହେବ ।

ଗତକାଲିର ମ୍ୟାଚ୍‌ରେ ଫୁଟ୍‌ବଲ୍ କ୍ଲବ୍ ଗୋଆ ୧-୦ରେ ପଞ୍ଜାବ ଫୁଟବଲ୍ କ୍ଲବ୍‌କୁ ପରାସ୍ତ କରିଥିଲା । ପଏଣ୍ଟ ତାଲିକାରେ ମୋହନବାଗାନ ୫୨ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ୪୫ ପଏଣ୍ଟ ସହ ଗୋଆ ଦ୍ୱିତୀୟ, ୩୭ ପଏଣ୍ଟ ସହ ବେଙ୍ଗାଲୁରୁ ତୃତୀୟ ଏବଂ ସମାନ ପଏଣ୍ଟ ସହ ଜାମସେଦପୁର ଚତୁର୍ଥ ସ୍ଥାନରେ ରହିଛି ।